ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR (OD)/CS-GA-98-19/04/21**



## କୋଭିଡ୍ ୨ୟ ଲହର ପ୍ରତିହତ ନିମନ୍ତେ ରାଜ୍ୟ ସରକାରଙ୍କ ନୂଆ ଗାଇଡଲାଇନ୍

## ସମସ୍ତ ସହରାଞ୍ଚଳରେ ସପ୍ତାହନ୍ତ ସଟ୍‌ଡାଉନ୍

## ହାଟ, ବଜାର, ବିବାହ, ବ୍ରତ ଓ ସାମାଜିକ ଉତ୍ସବାନୁଷ୍ଠାନ ପାଇଁ ଅଧିକ କଠୋର ହେଲା ନିୟମ

ଭୁବନେଶ୍ୱର, ୧୯/୪/୨୧

ଓଡ଼ିଶାର ପଡ଼ୋଶୀ ରାଜ୍ୟ ଏବଂ ଆମ ଦେଶର ଅନେକ ସ୍ଥାନରେ କୋଭିଡ୍ ମହାମାରୀର ୨ୟ ଲହର ସଂକ୍ରମଣ ବଢ଼ିବାର ଲକ୍ଷ୍ୟ କରାଯାଉଛି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ କୋଭିଡ୍ ସଂକ୍ରମଣ ପ୍ରତିରୋଧ କରିବା ନିମନ୍ତେ ରାଜ୍ୟ ସରକାର ଆଜି ନୂଆ ଗାଇଡ୍‌ଲାଇନ୍ ଜାରି କରିଛନ୍ତି । ଏ ବିଷୟରେ

ସୂଚନାଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ ଆୟୁକ୍ତ ଶ୍ରୀ ପ୍ରଦୀପ କୁମାର ଜେନା ରାଜ୍ୟ ସରକାରଙ୍କ ପ୍ରବର୍ତ୍ତିତ ଗାଇଡ୍‌ଲାଇନ୍‌କୁ ସଠିକ୍ ଭାବରେ ଅନୁପାଳନ କଲେ ଆମେ ଆମ ରାଜ୍ୟରେ କୋଭିଡ୍ ସଂକ୍ରମଣ ରୋକିପାରିବା ସହ ନିଜେ ନିଜର ସୁରକ୍ଷା କରିପାରିବା ।

ଶ୍ରୀ ଜେନା କହିଥିଲେ ଯେ -

୧) ପୂର୍ବ ଘୋଷଣା ଅନୁଯାୟୀ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର ଆଦି ସୀମାବର୍ତ୍ତୀ ଜିଲ୍ଲାରେ ପ୍ରତିଦିନ ସନ୍ଧ୍ୟା ୬ଟା ଠାରୁ ତା ପରଦିନ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ଜାରି ରହିବ ।

୨) ଅନ୍ୟ ୨୦ଟି ଜିଲ୍ଲାର ସହରାଞ୍ଚଳ ମାନଙ୍କରେ ପ୍ରତିଦିନ ରାତ୍ରି ୯ଟା ଠାରୁ ପରଦିନ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ରହିବ ।ଏହା ଆଜିଠାରୁ ଲାଗୁ କରାଯିବ ।

୩) ଚଳିତ ଏପ୍ରିଲ ମାସ ୨୪ ତାରିଖଠାରୁ ରାଜ୍ୟର ସମସ୍ତ ସହରାଞ୍ଚଳରେ ସପ୍ତାହନ୍ତ ସଟ୍‌ଡାଉନ୍ ଲାଗୁ କରାଯିବ । ଶନିବାର ଓ ରବିବାର ଦୁଇଦିନ ପାଇଁ ସଟ୍‌ଡାଉନ୍ ଲାଗୁହେବ । ତେବେ ସଟ୍‌ଡାଉନ୍ ସମୟରେ (କ) ଡାକ୍ତରଖାନା, ନର୍ସିଂହୋମ୍ ଔଷଧ ଦୋକାନ ଖୋଲା ରହିବ । ସ୍ୱାସ୍ଥ୍ୟସେବାରେ ନିୟୋଜିତ ଡାକ୍ତର, ପରାମେଡିକ୍ସ୍ ଏବଂ ସ୍ୱାସ୍ଥ୍ୟକର୍ମୀ ମାନେ ନିଜର କାର୍ଯ୍ୟସ୍ଥଳକୁ ଯାତାୟତ କରିପାରିବେ ।

(ଖ) ଜିଲ୍ଲାକାର୍ଯ୍ୟାଳୟ, ପୌରାଞ୍ଚଳ କାର୍ଯ୍ୟାଳୟ, ପୋଲିସ୍ ଏବଂ ଅଗ୍ନିଶ୍ରମ ସେବା ଅଫିସ୍ ଖୋଲା ରହିବ ।

(ଗ) ଜରୁରୀ କାଳୀନ ସେବା ଯୋଗାଉଥିବା ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟ ଖୋଲା ରହିବ ।

(ଘ) ପେଟ୍ରୋଲ୍ ପମ୍ପ, ଟେଲିକମ୍ ସେବା, ଏଲ୍.ପି.ଜି. ଯୋଗାଣ, ଜଳଯୋଗାଣ, ବିଦ୍ୟୁତ ଯୋଗାଣ, ଖାଦ୍ୟ ଏବଂ ଭୁଷାମାଲ୍(ଗ୍ରୋସେରୀ) ଦୋକାନ, କ୍ଷୀର ବୁଥ୍, ଖବରକାଗଜ ଯୋଗାଣ ଆଦି ଚାଲୁ ରହିବ ।

(ଙ) ଜିନିଷପତ୍ର ନେବାଆଣିବା କରୁଥିବା ଗାଡ଼ି, ଚାହା, କୃଷିଦ୍ରବ୍ୟ କ୍ରୟ ମଣ୍ଡି, ପଶୁପାଳନ ଓ ମତ୍ସ୍ୟଚାଷ ସଂପର୍କିତ କାର୍ଯ୍ୟକଳାପ ଚାଲୁରହିବ ।

(ଚ) ଏ.ଟି.ଏମ୍, ବ୍ୟାଙ୍କ୍ ଏବଂ ଆର୍ଥିକ ଅନୁଷ୍ଠାନ ଖୋଲା ରହିବ ।

(ଛ) ରେଲ୍ ଏବଂ ବିମାନ ଚଳାଚଳ, ସାଧାରଣ ପରିବହନ, ବିମାନ ବନ୍ଦର ଏବଂ ରେଳ ଷ୍ଟେସନକୁ ଯାତ୍ରୀ ନେଉଥିବା ବ୍ୟକ୍ତିଗତ ଗାଡ଼ି ଆଦିକୁ କଟକଣା ମୁକ୍ତ କରାଯିବ ।

(ଜ) ଜାତୀୟ ରାଜପଥ, ଷ୍ଟେଟ୍ ହାଇୱେ ଏବଂ ଅନ୍ୟାନ୍ୟ ମୁଖ୍ୟ ରାସ୍ତାକଡ଼ରେ ଥିବା ଢ଼ାବା ଖୋଲାରହିବ । ତେବେ ସେମାନେ କେବଳ ଖାଦ୍ୟ ପାର୍ସଲ୍ ଦେବେ । ସେଠାରେ କେହି ବସି ଖାଇ ପାରିବେନାହିଁ ।

(ଝ) ବିଭିନ୍ନ ଅନ୍‌ଲାଇନ୍ ସଂସ୍ଥାଦ୍ୱାରା ଯୋଗାଯାଉଥିବା ହୋମ୍ ଡେଲିଭରି ଚାଲୁ ରହିବ ।

(ଞ) ଜିଲ୍ଲା ବା କମିସନରେଟ୍ ପୋଲିସ୍‌ଙ୍କ ଦ୍ୱାରା ଚିହ୍ନିତ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବାଦ ସଂଗ୍ରହ କାର୍ଯ୍ୟପାଇଁ କଟକଣା ମୁକ୍ତ କରାଯିବ ।

(୪)ପାସ୍‌ର ଆବଶ୍ୟକତା ନାହିଁ

ଉପରୋକ୍ତ କାର୍ଯ୍ୟଗୁଡ଼ିକ ପାଇଁ ଯାତାୟତ କରୁଥିବା ଲୋକଙ୍କ ନିମନ୍ତେ ପାସ୍‌ର ଆବଶ୍ୟକତା ନାହିଁ । ଟ୍ରେନ୍ ବା ପ୍ଲେନ୍ ଟିକେଟ୍, ନିଜର କାର୍ଯ୍ୟାଳୟ ପରିଚୟପତ୍ର, ରୋଗୀ, ରୋଗୀ ମାନଙ୍କର ସହାୟକମାନେ ଯେ କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ଦେଖାଇ ଯାତାୟତ କରିପାରିବେ ।

(୫)ଶିକ୍ଷାନୁଷ୍ଠାନ

ରାଜ୍ୟସରକାରଙ୍କ ଅଧିନ, ନିୟନ୍ତ୍ରଣ ବା ତଦାରଖ ଅନ୍ତର୍ଭୁକ୍ତ ସମସ୍ତ ଶିକ୍ଷାନୁଷ୍ଠାନ ଆଜି ୧୯ ତାରିଖ ଠାରୁ ବନ୍ଦ କରାଯାଇଛି । ସବୁ ହଷ୍ଟେଲ୍ ମଧ ବନ୍ଦ ରହିବ । ଛାତ୍ର ଛାତ୍ରୀ ମାନଙ୍କୁ ହଷ୍ଟେଲ୍‌ରେ ନରହିବା ପାଇଁ କୁହାଯାଇଛି । ଯଥା ସମ୍ଭବ ଅନ୍‌ଲାଇନ୍ କ୍ଲାସ୍ କରିବାକୁ ଶିକ୍ଷାନୁଷ୍ଠାନ ମାନଙ୍କୁ କହାଯାଇଛି।

(୬)ବୈଷୟିକ ଶିକ୍ଷାନୁଷ୍ଠାନ

ବୈଷୟିକ ଶିକ୍ଷା ଓ କୌଶଳ ବିକାଶ ବିଭାଗ ନିୟନ୍ତ୍ରଣାଧିନ ସମସ୍ତ ଆଇ.ଟି.ଆଇ, ପଲିଟେକ୍ ନିକ୍, ଡିପ୍ଲୋମା, ଟେକ୍‌ନିକାଲ୍ କଲେଜ୍ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ଆଜି ୧୯ ଏପ୍ରିଲ୍ ଠାରୁ ବନ୍ଦ ରଖାଯାଇଛି । ସବୁ କୋର୍ସ ପାଇଁ ଅନ୍‌ଲାଇନ୍ କ୍ଲାସ୍ କରାହେବ । ତେବେ ଚାଲୁରହିଥିବା ଅଫ୍‌ଲାଇନ୍ ଡିପ୍ଲୋମା ପରୀକ୍ଷାସବୁ ନିର୍ଦ୍ଧାରିତ ତାରିଖ ଅନୁସାରେ ହେବ । ଏ ବିଷୟରେ ସଂପୃକ୍ତ ବିଭାଗ ସବିଶେଷ ଗାଇଡ୍ ଲାଇନ୍ ଦେବେ ।

(୭)ଆଜିଠାରୁ ସମସ୍ତ ଅଙ୍ଗନାବାଡି କେନ୍ଦ୍ର ବନ୍ଦ ରହିବ । ତେବେ ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ଗାଇଡ୍ ଲାଇନ୍ ଅନୁସାରେ ଟେକ୍ ହୋମ୍ ରେସନ ବା ସମ୍ଭାବ୍ୟ ଅନୁରୂପ ବ୍ୟବସ୍ଥା କାରଯିବ ।

(୮) ସାମାଜିକ କାର୍ଯ୍ୟକଳାପ

(କ) ବିବାହ ଉତ୍ସବରେ ସମୁଦାୟ ୫୦ ଜଣ, ଅନ୍ତେଷ୍ଟି କ୍ରିୟାରେ ସମୁଦାୟ ୨୦ ଜଣ ଭାଗନେଇ ପାରିବେ । କୌଣସି ସ୍ଥିତିରେ ଏହି ସଂଖ୍ୟାରୁ ଅଧିକ ଲୋକ ଭାଗନେଇ ପାରିବେ ନାହିଁ ।

(ଖ) ବିବାହ ଶୋଭାଯାତ୍ରାକୁ ଅନୁମତି ନାହିଁ । ଏହାର ଲଘଂନ କଲେ ବ୍ୟବହୃତ ଗାଡ଼ି, ଯନ୍ତ୍ରପାତି, ଉପକରଣ ଆଦିକୁ ଜବତ କରାଯିବା ସହ ବିବାହର ଉଭୟପକ୍ଷଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

(ଗ) ବିବାହର ଆୟୋଜକମାନେ ଉତ୍ସବରେ ଅଂଶଗ୍ରହଣ କରୁଥିବା ଲୋକଙ୍କର ତାଲିକା ୨୪ ଘଣ୍ଟା ପୂର୍ବରୁ ସଂପୃକ୍ତ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବେ ।

(ଘ) ଏ ପ୍ରକାର ଉତ୍ସବରେ ଠିକ୍‌ଭାବେ ମାସ୍କ ପିନ୍ଧିବା, ଅଂଶଗ୍ରହଣ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅତି କମ୍‌ରେ ୬ଫୁଟ ଦୁରତା ରଖିବା, ହାତ ଧୋଇବା ବ୍ୟବସ୍ଥା, ସାନିଟାଇଜର, ଥର୍ମାଲ୍ ସ୍କାନିଂ ଆଦିକୁ ବାଧ୍ୟତାମୂଳକ କରାଯାଇଛି ।

(ଙ) ଏଥିରେ ଅବହେଳା ହେଲେ ଉତ୍ସବ ଆୟୋଜନ ହେଉଥିବା ସ୍ଥାନର ମାଲିକ ଏବଂ ଆୟୋଜକଙ୍କ ବିରୁଦ୍ଧରେ କୋଭିଡ୍ ନିୟମ ଭଙ୍ଗ ଜନିତ ଫୌଜଦାରୀ ମକଦ୍ଦମା ଲାଗୁହେବ ।

(ଚ) ଧର୍ମସଭା/ସାଂସ୍କୃତିକ କାର୍ଯ୍ୟକ୍ରମ/ରାଜନୈତିକ ସଭା, ରାଲି ବା ଶୋଭାଯାତ୍ରା / ଶିକ୍ଷା ସଭା/ ଆଲୋଚନାଚକ୍ର/ ସାହିତ୍ୟ ସଭା ଆଦି ଆୟୋଜିତ ହୋଇପାରିବ ନାହିଁ । ଏସବୁ କାର୍ଯ୍ୟକ୍ରମ ଅନ୍‌ଲାଇନ୍ ଭର୍ଚୁଆଲ ମୋଡ୍‌ରେ ଆୟୋଜନ କରାଯିବ ।

(ଛ) ଜନ୍ମଦିନ, ବ୍ରତଘର, ଏକୋଇଶିଆ, ବାର୍ଷିକ ଶ୍ରାଦ୍ଧ, ବିବାହ ବାର୍ଷିକି ଆଦି କେବଳ ନିଜ ନିଜ ଘର ମଧ୍ୟରେ ପରିବାରର ଲୋକମାନଙ୍କୁ ନେଇ ଆୟୋଜିତ ହେବ । କୌଣସି ବାହାର ଲୋକ ଏଥିରେ ଭାଗନେଇ ପାରିବେ ନାହିଁ । କୌଣସି ବାହାର ସ୍ଥାନରେ ମଧ୍ୟ ଏସବୁ ଉତ୍ସବ ଆୟୋଜନ ହୋଇପାରିବ ନାହିଁ ।

(ଜ) ସମସ୍ତ ପ୍ରକାର ଭୋଜି, ଆତିଥ୍ୟ, ଗାଁ ବା ସାହି ଭୋଜି ଆଦିକୁ ସଂପୂର୍ଣ୍ଣ ବାରଣ କରାଯାଇଛି ।

ବ୍ୟବସାୟିକ କାର୍ଯ୍ୟକଳାପ

(କ) ହାଟ/ ବଜାର/ ମାଛ ବଜାର ଆଦିକୁ  ବିକେନ୍ଦ୍ରୀକରଣ କରାଯିବ ।  ଗୋଟିଏ ଦୋକାନରୁ ଅନ୍ୟଦୋକାନର ଦୁରତା ଅତିକମ୍‌ରେ  ୩୦ ଫୁଟ ରହିବ । ସମସ୍ତ ଦୋକାନୀ ଏବଂ  ଗ୍ରାହକମାନେ ପୂର୍ଣ୍ଣମାତ୍ରାରେ  କୋଭିଡ୍ ନିୟମ ପାଳନ କରିବେ  ।

(ଖ)  ମଲ୍ ଆଦିରେ ଅତି ସିମୀତ  ସଂଖ୍ୟକ ଗ୍ରାହକଙ୍କୁ  ପ୍ରବେଶ ଅନୁମତି ମିଳିବ ।  ମଲ୍ ମାଲିକ ଗ୍ରାହକମାନଙ୍କର ଥର୍ମାଲ୍ ସ୍କାନିଂ, ମାସ୍କ ପିନ୍ଧିବା ଏବଂ ଦୁରତା ନିଶ୍ଚିତ  କରାଇବେ । ମଲ୍ ଫୁଡ କୋର୍ଟରେ  କେହିବସି  ଖାଇ ପାରିବେ ନାହିଁ ।  କେବଳ ଖାଦ୍ୟ ପାର୍ସଲ୍ ନେଇପାରିବେ ।

(ଗ)   ସମସ୍ତ ଦୋକାନ ମାଲିକ ଏବଂ ଦୋକାନୀମାନେ  ନିଜ ନିଜ  ଷ୍ଟାପ୍ ମାନଙ୍କର ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର କରିବା ଆଦିକୁ  ନିଶ୍ଚିତ କରାଇବେ ।

(ଘ)   ମଲ୍ ବା ଦେକାନ ମଧ୍ୟକୁ ଏକ ସମୟରେ  ପ୍ରବେଶ କରୁଥିବା ଗ୍ରାହକ  ସଂଖ୍ୟାକୁ ସଂପୃକ୍ତ ମାର୍କେଟ୍ ସଂଘମାନେ ନିୟନ୍ତ୍ରଣ କରିବେ ଯେପରି  ଦୁଇଜଣ ଗ୍ରାହକଙ୍କ  ମଧ୍ୟରେ  ଅତିକମ୍‌ରେ  ୬ ଫୁଟ ଦୁରତା ରହିବ ।

(ଙ)    ଦୈନିକ ହାଟ ବଜାର ମାଛ ମାଂସ ଆଦି ଦୋକାନରେ ଦୋକାନୀ ଏବଂ  ଗ୍ରାହକଙ୍କ ମଧ୍ୟରେ  ଦୁରତା ରକ୍ଷା ପାଇଁ  ଦୋକାନୀ ବ୍ୟାରିକେଡ୍ କରିବେ ।

(ଚ)   ହୋଟେଲ ରେସ୍ତାରାମାନେ ଖାଦ୍ୟ ପାର୍ସଲ ଦେଇପାରିବେ । ହୋଟେଲରେ ରହୁଥିବା ଅତିଥିଙ୍କ ବ୍ୟତୀତ କୌଣସି ବାହାର ଲୋକ  ହୋଟେଲରେ ବସି ଖାଇପାରିବେ ନାହିଁ ।

(ଛ)    ରାସ୍ତାକଡ ଖାଦ୍ୟ ଦୋକାନୀମାନେ କେବଳ ଖାଦ୍ୟ ପାର୍ସଲ୍ ଦେବେ । ସେହି ସ୍ଥାନରେ ଠିଆହୋଇ ଖାଇବା ପାଇଁ  ଗ୍ରାହକଙ୍କୁ ଖାଦ୍ୟ ଦେଇପାରିବେ ନାହିଁ ।

<u>ଗମନାଗମନ</u>

(କ)  ଆଜି ଏପ୍ରିଲ୍ ୧୯ ତାରିଖଠାରୁ ସମସ୍ତ ଆନ୍ତଃରାଜ୍ୟ ବସ୍ ସେବା ବନ୍ଦ ରହିବ ।

(ଖ)  ରାଜ୍ୟ ଭିତରେ ଚାଲୁଥିବା ବସ୍‌ମାନେ କେବଳ ସିଟ୍ ସଂଖ୍ୟା ଅନୁସାରେ ଯାତ୍ରୀନେବେ । କୌଣସି ଯାତ୍ରୀ ବସ୍‌ରେ  ଠିଆହୋଇ ଯାଇପାରିବେ ନାହିଁ ।

(ଗ)  ଟ୍ୟାକ୍ସି/କ୍ୟାବ୍/ଅଟୋରିକ୍‌ସା ଆଦିରେ  ଡ୍ରାଇଭରଙ୍କ ସହ  ଦୁଇଜଣ ଯାତ୍ରୀଙ୍କୁ  ଯିବା ପାଇଁ ଅନୁମତି ମିଳିବ ।

<u>ମନୋରଂଜନ</u>

(କ) ମନୋରଂଜନ ପାର୍କ/ ମୀନାବଜାର/ ମେରି ଗୋ-ରାଉଣ୍ଡ (ଦୋଳି) ଆଦିରେ ଏକ ସମୟରେ କେବଳ ୫୦ ଜଣ ରହିପାରିବେ ।

(ଖ) ଯାତ୍ରା/ଅପେରା/ମୁକ୍ତ ଆକାଶ ରଂଗମଂଚ ଆଦିକୁ ଅନୁମତି ଦିଆଯିବ ନାହିଁ ।

(ଗ)  ସିନେମା/ଥିଏଟର ହଲ ଆଦି  ନିଜ ଦକ୍ଷତାର ୫୦ ପ୍ରତିଶତ ଦର୍ଶକଙ୍କୁ ନେଇ ଚାଲିପାରିବ ।

ଏହିସବୁ ନିୟମ ଆସନ୍ତା ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ